# Akashvani, Sambalpur

## SAMBALPURI NEWS EVENING BULLETIN

## 4 June 2025- 7.02 pm- 7.12 pm.

**********************************************

୧- ଦେଶେ ୨୦୨୭ ମସିହା ମାର୍ଚ୍ଚ ମାସ୍‌ନୁ ୨ ଟା ଖେପେ ହେବା ଜନଗଣନା ।

୨- ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ଲଗାବେ ଗଛ୍ ।

୩- ଜନସେବାଥି ସମର୍ପିତ୍ ହେବାର୍‌କେ ରାଜସ୍ୱ ଅଧିକାରୀମାନ୍‌କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ରାଏଜେ ବର୍ଷା ନେଇକରି ୧୫ ଟା ଜିଲ୍ଲାକେ ସତର୍କ କଲା ପାଣିପାଗ୍ କେନ୍ଦ୍ର ।

## ଜନଗଣନା ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ୨୦୨୭ ମସିହା ମାର୍ଚ୍ଚ ମାସ୍‌ନୁ ଜାତିଭିତିକ ଜନଗଣନା ସହେତେ ୨ ଟା ଖେପେ ଜନଗଣନା କର୍‌ବାର୍‌କେ ନିଷ୍ପତି ନେଇଛନ୍ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଲଦାଖ୍, ଜମ୍ମୁକାଶ୍ମୀର, ହିମାଚଲ୍‌ପ୍ରଦେଶ୍ ଆର୍ ଉତରାଖଣ୍ଡ୍‌ର ପ୍ରତିକୂଳ ପାଣିପାଗକେ ନଜର୍‌ଥି ରଖିକରି ଜନଗଣନା ଆଏବା ବଛର୍ ଅକ୍ଟୋବର୍ ମାସ୍‌ନୁ ମୁଲ୍ କରାଯିବା । ଇ ବାବ୍‌ଦେ ଆଏବା ୧୬ ତାରିଖ୍ ସର୍‌କାରୀ ବିଜ୍ଞପ୍ତି ବାହାର୍‌ବା । ସୂଚ୍‌ନା ଅନ୍‌ସାରେ ୨୦୧୧ ମସିହାଥି ହେଇଥିବା ଜନଗଣନା ୨ ଟା ଖେପେ ହେଇଥିଲା । ପହେଲା ଖେପେ ଘର୍‌ମାନ୍‌କୁ ତାଲିକାଭୁକ୍ତ କରାଯାଇଥିଲା ବେଲ୍‌କେ ୨ ନମ୍ବର୍ ଖେପେ ଜନଗଣନା କରାଯାଇଥିଲା । ପ୍ରସ୍ତାବିତ୍ ୨୦୨୧ ମସିହାଥି ଭିଲ୍ ୨ ଟା ଖେପେ ଜନଗଣନା ଲାଗି ଥିର୍ କରାଯାଇଥିଲା । ମାତରକ କୋଭିଡ୍ ମହାମାରି ଲାଗି ଜନଗଣନାକେ ସ୍ଥଗିତ ରଖାଯାଇଥିଲା ।

## ବିଶ୍ୱ ପରିବେଶ୍ ଦିବସ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ୭ ଶହ କିଲୋମିଟର୍ ଲମ୍ବା ଆରାବଲୀ ବନାଂଚଲ ନ ଗଛ୍ ଲଗାବାର୍ ସହେତେ ଦିଲ୍ଲୀ ନ ୨ ଶହ ଟା ବିଦ୍ୟୁତ୍ ଚାଲିତ୍ ବସ୍‌ର ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଜନସାଧାରଣଙ୍କୁ ପରିବେଶ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ର ୨ ନମ୍ବର୍ ଖେପ୍ ମୁଲ୍ କର୍‌ବେ । ନୂଆଦିଲ୍ଲୀର୍ ମହାବୀର୍ ବନସ୍ଥଲୀ ପାର୍କ ଠାନେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ରହିଛେ ।

ଧର୍ମେନ୍ଦ୍ର ପ୍ରଧାନ୍-ଏକ୍ ପେଡ୍ ମାକେ ନାମ୍ ଏକ୍ସ

ଗଛ୍ ଲଗେଇକରି ପରିବେଶ୍ ସୁରକ୍ଷା କର୍‌ବାର୍ ସହେତେ ଲୁକ୍‌କୁ ଗଛ୍ ଲଗାବାର୍ ବାବ୍‌ଦେ ସଚେତନ୍ କର୍‌ବାର୍‌କେ ଆଏବା କାଏଲ୍ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍‌ର ୨ ନମ୍ବର୍ ଖେପ୍ ଶୁଭାରମ୍ଭ ହେବା । ଆଏବା କାଏଲ୍‌ଠାନୁ ଇ ଅଭିଯାନ୍ ଜରିଏ ୧୦ କୋଟି ଗଛ୍ ଲଗାବାର୍ ଲାଗି ଦେଶ୍‌ବାସୀଙ୍କର୍ ସହେତେ ଛାତ୍ରଛାତ୍ରୀମାନ୍‌କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଭାସୀ ବାର୍ତା ଜରିଏ ଆହ୍ୱାନ୍ ଦେଇଛନ୍ । କେନ୍ଦ୍ରମନ୍ତ୍ରୀ କହିଛନ୍, ଇ ଅଭିଯାନ୍ ଖାଲି

ପରିସଂଖ୍ୟାନ୍‌ଥି ସିମିତ୍ ନୁହେଁସେ ପ୍ରକୃତିର୍ ଲାଗି ଆମର୍ ସ୍ନେହ ଆଉ ଦାୟିତ୍ୱବୋଧର ସ୍ୱରୂପ ଆଏ । ସଭେ ନିଜର୍ ମା ମାନ୍‌କର୍ ଲାଗି ଗୁଟେ ଲେଖା ଗଛ୍ ଲଗାବାର୍ ସହେତେ ତାର୍ ଯତନ୍ ନେବାର୍‌କେ ଶ୍ରୀ ପ୍ରଧାନ୍ ଦେଶ୍‌ବାସୀଙ୍କୁ ଅନୁରୋଧ୍ କରିଛନ୍ । (ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସଂସଦ୍ ମୌସୁମୀ ଅଧିବେଶନ        ଏନ୍‌ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍ ଜୁଲାଇ ୨୧ ତାରିଖ୍‌ନୁ ମୁଲ୍ ହେବା ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ଅପରେସନ୍ ସିନ୍ଦୁର୍ ଉତ୍‌ରୁ ସଂସଦ୍‌ର ସ୍ୱତନ୍ତ୍ର ଅଧିବେଶନ୍ ଡାକ୍‌ବାର୍ ଲାଗି ସବୁ ବିରୋଧୀ ଦଲ୍‌ମାନେ ଦାବି କରିଥିଲେ । ବିରୋଧୀ ଦଲ୍ ମାନ୍‌କର୍ ଦାବିକେ ନଜର୍‌ଥି ରଖିକରି ସଂସଦ୍‌ର ଅଧିବେଶନ୍ ଲାଗି ସଂସଦୀୟ ବ୍ୟପାର୍ କେବିନେଟ୍ କମିଟିଥି ନିଷ୍ପତି ହେଇଛେ । ଇ ଅଧିବେଶନ୍ ଅଗଷ୍ଟ ୧୨ ତାରିଖ୍‌ତକ୍ ଚାଲ୍‌ବା । ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କମିଟିର୍ ନିଷ୍ପତି ଅନ୍‌ସାରେ ଅଧିବେଶନ୍‌କେ ଶୃଙ୍ଖଲିତ୍ ଭାବେ ପରିଚାଲନା କର୍‌ବାର୍ ଲାଗି ସର୍‌କାର୍

ସବୁ ଦଲ୍ ମାନ୍‌କର୍ ସଙ୍ଗେ ଆଲୋଚନା କରାଯିବା ବଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ ।

## ମୁଖ୍ୟମନ୍ତ୍ରୀ-ରାଜସ୍ୱ ଅଧିକାରୀ ସମ୍ମିଲନୀ I&PR

ପ୍ରତିଷ୍ଠା ବଦ୍‌ଲେ ଜନସେବାଥି ସମର୍ପିତ ହେବାର୍‌ଟା ରାଜସ୍ୱ ଅଧିକାରୀମାନ୍‌କର୍ ମାପକାଠି ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବନେଶ୍ୱର୍ ଠାନେ ୨ ଦିନିଆ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀମାନ୍‌କର୍ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ପ୍ରଶାସନିକ୍ ବ୍ୟବସ୍ଥାଥି ତହସିଲ୍‌ଦାର୍‌ମାନେ ହେଉଛନ୍ ରାଜସ୍ୱ ପ୍ରଶାସନ୍‌ର ମେରୁଦଣ୍ଡ । ତୃଣମୂଲ୍‌ସ୍ତର୍‌ଥି ଲୁକ୍‌କର୍ ଅଭିଯୋଗ୍ ଶୁନିକରି ତାର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ରାଜସ୍ୱ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ରାଜ୍ୟ ସର୍‌କାର୍ ସବୁ ଜମିଜମା କମ୍ପ୍ୟୁଟର୍‌କରଣ୍ କର୍‌ବାର୍ ସହେତେ ସବୁ ସେବା ଅନ୍‌ଲାଇନ୍ ଜରିଏ ଯୁଗେଇ ଦେବାର୍‌କେ ଅଏତ୍‌କା ଧ୍ୟାନ୍ ଦଉଛନ୍ । ଗଲା ବଛ୍‌ରେ ଭିତ୍‌ରେ ଓଡ଼ିଶା ଜନସେବା ଅଧିନିୟମ୍ ଅନ୍‌ସାରେ ରାଜସ୍ୱ ବିଭାଗ୍ ସଙ୍ଗେ ସମ୍ପୃକ୍ତ ପାଖାପାଖି ୧ କୋଟିନୁ ଅଏତ୍‌କା ସାଧାରଣ୍ ସେବା ଲୁକ୍‌କୁ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କର୍ମଶାଳାରୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଝାରୀ ଯୋଗ୍ ଦେଇକରି ସର୍କାରୀ କାର୍ଯ୍ୟାଳୟକେ ଆସୁଥିବାର୍ ଲୁକ୍‌କୁ ଭଲ୍ ବ୍ୟବହାର୍ ପ୍ରଦର୍ଶନ୍ କରିକରି ସମିଆ ଜାନି ସେବା ଯୁଗେଇ ଦେବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ -ଢେଙ୍କାନାଲ ଢେଙ୍କାନାଲ୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଢେଙ୍କାନାଲ୍ ଗସ୍ତ କରିକରି ଜିଲ୍ଲା ନ ୪ ହଜାର୍ ୪ ଶହ କୋଟି ନୁ ଅଏତ୍‌କା ଟଙ୍କାର୍ ୨୩ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ସେଥିର୍‌ଭିତ୍‌ରେ ବାଜିରାଉତ୍ କ୍ରୀଡ଼ା କେନ୍ଦ୍ର ଉଦ୍‌ଘାଟିତ୍ ହେଇଥିଲା ବେଲ୍‌କେ ଆଇନକ୍ସ ସୋଲାର୍ ଆଇଟିଡି କମ୍ପାନୀ, ଯୋରନ୍ଦା ମହିମାଗାଦିର୍ ଉନ୍ନତି କାମ୍‌ର ଶିଳାନ୍ୟାସ୍ କରିଛନ୍ ।

କରୋନା ଏନ୍‌ଏସ୍‌ଡି

ଦେଶେ କରୋନା ଆକ୍ରାନ୍ତଙ୍କର୍ ସଂଖ୍ୟା ବଢ଼ିକରି ୪ ହଜାର୍ ୩ ଶହ ନୁ ଅଏତ୍‌କା ହେଇଛେ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର୍ ତଥ୍ୟ ଅନ୍‌ସାରେ ଗଲା ୨୪ ଘଂଟା ଭିତ୍‌ରେ ଦେଶେ ୨ ଶହ ୭୬

ଝନ୍ ନୂଆଁ କୋଭିଡ୍ ରୋଗୀ ଚିହ୍ନଟ୍ ହେଇଛନ୍ ଆଉ ଇ ସମିଆଥି ୭ ଝନ୍‌କର୍ ଜୀବନ୍ ଯାଇଛେ । ସେନ୍ତା ୫ ଶହ ୮୧ ଝନ୍ ରୋଗୀ ସୁସ୍ଥ ହେଇକରି ଘର୍‌କେ ଫିରିଛନ୍ ବଲି ମନ୍ତ୍ରଣାଲୟର ସୂଚ୍‌ନା ନୁ ଜନାପଡ଼ିଛେ ।

ଉପମୁଖ୍ୟମନ୍ତ୍ରୀ - ଜଲ ପ୍ରକଳ୍ପ   ହି.ସ.

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବଲାଙ୍ଗିର୍ ଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍ କାଦୋପାଣି ଠାନେ ନୂଆଁ ଗ୍ରାମ୍ୟ ଜଲଯୋଗାଣ ପ୍ରକଳ୍ପକେ ଉଦ୍‌ଘାଟନ୍ କରିଛନ୍ । ଇ ପ୍ରକଳ୍ପଥି ବ୍ଲକ୍‌ର ବହୁତ୍‌ଟେ ଗାଁ ଉପକୃତ ହେବେ ବଲି ଉପମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ ।

ରାଷ୍ଟ୍ରୀୟ ଜନଜାତି ସୁରକ୍ଷା ଆୟୋଗ୍‌ର ସଦସ୍ୟ

ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଗସ୍ତଥି ଆସିଥିବା ରାଷ୍ଟ୍ରୀୟ ଜନଜାତି ସୁରକ୍ଷା ଆୟୋଗ୍‌ର ସଦସ୍ୟ ଆଶା ଲାକ୍ରା ଆଏଜ୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାର୍ ଅନୁସୂଚିତ ଜନଜାତିର୍ ପ୍ରତିନିଧି, ସଦସ୍ୟ ଆଉ ଭିନ୍ ଭିନ୍ ସଂଗଠନ୍ ସହେତେ ବୈଠକ୍

କରିଛନ୍ । ଇ ଅବ୍‌ସରେ ଜିଲ୍ଲାର୍ ଆଦିବାସୀ ମାନ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ଜମି ପଟ୍ଟା, ଜାତିଗତ ପ୍ରମାଣପତ୍ର ରାସ୍ତାଘାଟ୍, ହାତୀ ଉପଦ୍ରବ ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା ହେଇଥିଲା । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଯୋଜ୍‌ନାର୍ ଲାଭ୍ ଜିଲ୍ଲାର୍ ଆଦିବାସୀ ମାନ୍‌କର୍ ପାଖ୍‌କେ ଠିକ୍ ଭାବେ ପୁହୁଁଚୁଛେ କି ନାଇଁ ସେ ବାବ୍‌ଦେ ଆୟୋଗ୍‌ର ସଦସ୍ୟ ଆଶା ଲାକ୍ରା ପଚ୍‌ରେଇ ବୁଝିଛନ୍ । ତାର୍ ଉତ୍‌ରୁ ସେ ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

କୃଷି ସଚେତନତା ରଥ ବୌଦ୍ଧ ସମ୍ବାଦଦାତା

ବିକଶିତ କୃଷି ସଂକଳ୍ପ ଅଭିଯାନ୍ ଅବ୍‌ସରେ ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନୁ ଆଏଜ୍ ୩ ଟା କୃଷି ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ରଥକେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଶୁଭାରମ୍ଭ କରିଛନ୍ । ଜିଲ୍ଲା କୃଷି କାର୍ଯ୍ୟାଳୟ ତର୍‌ଫୁ ବାହାରିଥିବା ରଥମାନେ ଜିଲ୍ଲାର୍ ବୌଦ୍ଧ, ହର୍‌ଭଙ୍ଗା ଆର୍ କଂଟାମାଲ୍ ବ୍ଲକ୍ ଇଲାକା ନ ବୁଲିକରି ଉନ୍ନତ୍ ଚାଷ୍

ଆଉ ସେଥିର୍‌ଲାଗି ଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କର୍‌ବେ ।

ନିଶା ସଚେତନତା ରଥ          ନୂଆପଡ଼ା/କଲାହାଣ୍ଡି ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନୁ ଅବକାରୀ ବିଭାଗ୍ ତର୍‌ଫୁ ଗୁଟେ ସଚେତନତା ରଥ ବାହାରିଛେ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଇଲାକାକେ ଯାଇକରି ନିଶାମୁକ୍ତ ଜିଲ୍ଲା ଗଠନ୍ ଦିଗେ ଲୁକ୍‌କୁ ତହଁକାବାର୍ ସହେତେ ନିଶା ଦରବ୍‌ର ଅପକାରିତା, ଅପମିଶ୍ରିତ ମାଦକ ଦରବ୍ ବେଭାର୍ ବିରୋଧିଥି ସଚେତନ୍ କର୍‌ବା ।

ସେନ୍ତା କଲାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ୍ ତର୍‌ଫୁ ଭିଲ୍ ନିଶା ନିବାରଣ୍ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ‘ଆମ ସଂକଳ୍ପ ନିଶା ନୁହେଁ ଜୀବନ’ ସଚେତନତା ରଥକେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ସବୁ ବ୍ଲକ୍ ଆଉ ପଂଚାୟତ୍ ବୁଲିକରି ନିଶା ସେବନ୍‌ର କୁପରିଣାମ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।

ମନରେଗା ଯୋଜ୍‌ନାର୍ ସମୀକ୍ଷା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଏଜ୍ ଜିଲ୍ଲାର୍ କୋମ୍ନା ବ୍ଲକ୍ ନ ଚାଲିଥିବା ମନରେଗା ଯୋଜ୍ନାର୍ ସମୀକ୍ଷା କରିଛନ୍ । ଇ ଅବ୍ସରେ ଜିଲ୍ଲାପାଲ୍ -ଶ୍ରମିକ ମାନ୍କୁ ଜିଲ୍ଲା ଭିତ୍ରେ କାମ୍ ଯୁଗେଇ ଦେବାର୍କେ ବିଭାଗୀୟ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

ବିକାଶ୍ ମେଳା -ପ୍ରସ୍ତୁତି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ବିକାଶ୍ ମେଳା ଆୟୋଜ୍ନ ଲାଗି ଜିଲ୍ଲାପାଳ୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ୧୨ ନୁ ୧୮ ତାରିଖ୍ତକ୍ ହେବାର୍କେ ଥିବାର୍ ମେଳା ଲାଗି ଭିନ୍ ଭିନ୍ ବିଭାଗ୍ର ପ୍ରସ୍ତୁତି ବାବ୍ଦେ ଜିଲ୍ଲାପାଲ୍ ସମୀକ୍ଷା କରିଛନ୍ । ମୌସୁମୀ ଋତୁ ଚାଲିଥିବାର୍ନୁ ବର୍ଷାକେ ନଜର୍ଥି ରଖିକରି ତୟାରି କର୍ବାର୍କେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ପାରା ଆଥ୍ଲେଟିକ୍ସ ଗ୍ରାଣ୍ଡ ପିକ୍ସ ହି.ସ./ଏକ୍ସ

ଫ୍ରାନ୍ସର ପେରିସ୍ ଠାନେ ଚାଲିଥିବା ପାରା ଆଥ୍ଲେଟିକ୍ସ ଗ୍ରାଣ୍ଡ ପିକ୍ସ -୨୦୨୫ର ଜେଭ୍ଲିନ୍ ଥ୍ରୋ ଖେଲ୍ଥି ଓଡ଼ିଶାର୍ ପାରା

କ୍ରୀଡ଼ାବିତ୍ ସୁଚିତ୍ରା ପରିଡ଼ା ରୌପ୍ୟ ପଦକ୍ ଜିତିକରି ରାଜ୍ୟ ଆଉ ଦେଶର୍ ଲାଗି ଗୌରବ୍ ଆନିଛନ୍ । ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁଚିତ୍ରାଙ୍କୁ ଶୁଭେଚ୍ଛା ଜନେଇଛନ୍ । ତାଙ୍କର୍ ପରିଶ୍ରମ୍ ଅଦମ୍ୟ ଇଚ୍ଛା ଶକ୍ତି ଆଉ କ୍ରୀଡ଼ା ଦିଗେ ଆଗ୍ରହ ଆଏବା ପିଢ଼ିକେ ତହଁକାବା ବଲି ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ନୂଆପଡ଼ା, କଲାହାଣ୍ଡି ସହେତେ ୧୫ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ମାତରକ ରାଜ୍ୟର୍ ଆଭ୍ୟନ୍ତରିଣ୍ ଆର୍ ସମୁଦ୍ରଖଁଡ଼ି ଜିଲ୍ଲା ମାନ୍‌କେ ଖରା ଆର୍ ଗରମ୍ ଲାଗି ରହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।